## ଜମିବିକ୍ରି ଆଳରେ ୧କୋଟି ଠକେଇ

ବ୍ରହ୍ମପୁର,୧୪।୭(ସମିସ): ଜମି ବିକ୍ରି ଆଳରେ ବ୍ରହ୍ମପୁରର ଜଣେ ବ୍ୟବସାୟୀଙ୍କ ଠାରୁ ୧କୋଟି ଟଙ୍କା ଠକେଇ ହୋଇଥିବା ଅଭିଯୋଗ ହୋଇଛି। ଆସାମର ଜଣେ ବ୍ୟକ୍ତି ସେଠାରେ ଏକ ଜମି ବିକ୍ରି କରିବାକୁ କହି ଏହି ଟଙ୍କା ଠକି ନେଇଥିବା ଅଭିଯୋଗରୁ ଜଣାପଡିଛି। ଏନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ପ୍ରକାରେ ଭାବାନଗର ମୁଖ୍ୟ ରାସ୍ତାରେ ଏକ ଘରୋଇ କମ୍ପାନୀ ଖୋଲିଥିବା ସଂଗ୍ରାମ କେଶରୀ ମହାନ୍ତି ୨୦୧୬ମସିହାରେ ଆସାମ ଦିବ୍ରୁଗଡରେ ଏକ ଜମି କିଣିବାକୁ ଯୋଜନା କରିଥିଲେ। ଆସାମର ଶିବସାଗର ଅଞ୍ଚଳର ଦୀପକ ଅଗ୍ରୱାଲ ନାମକ ଜଣେ ବ୍ୟକ୍ତିଙ୍କ ନାମରେ ଥିବା ଜମିକୁ ସେ ୧କୋଟି ୩୦ଲକ୍ଷ ଟଙ୍କାରେ ବିକ୍ରି କରିବା ନେଇ ସଂଗ୍ରାମଙ୍କ ସହ ଚୁକ୍ତି ମଧ୍ୟ କରିଥିଲେ। ସେହିକ୍ରମରେ ସଂଗ୍ରାମ ଅଗ୍ରୀମ ଭାବେ ପ୍ରଥମେ ୬ଲକ୍ଷ ଟଙ୍କା ଦେଇଥିବା ବେଳେ ପରବର୍ତ୍ତୀ ସମୟରେ ଆଉ ୨୪ଲକ୍ଷ ଟଙ୍କା ଦେଇଥିଲେ। ତେବେ ଟଙ୍କା ନେବା ପରେ ଆସାମର ଏହି ବ୍ୟକ୍ତି ଜଣକ ଉକ୍ତ ଜମିର ପଞ୍ଜୀକରଣ କରିନଥିଲେ। ଏପରିକି ଠକିବା ଉଦ୍ଦେଶ୍ୟରେ ବିଭିନ୍ନ ବାହାନା କରି ଦିନ ଗଡାଇ ଚାଲିଥିଲେ। ନିକଟରେ ସଂଗ୍ରାମ ଓ ତାଙ୍କ ସହଯୋଗୀଙ୍କୁ ଫୋନରେ ଗାଳିଗୁଲଜ କରି ଧମକ ଦେଇଥିବା ସଂଗ୍ରାମ ଅଭିଯୋଗ କରିଛନ୍ତି। ଶେଷରେ ଅନ୍ୟ ଉପାୟ ନପାଇ ସଂଗ୍ରାମ ମହାନ୍ତି ପୁଲିସ ନିକଟରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି।

## କାଉନସିଲରଙ୍କ ଆତ୍ମହତ୍ୟା, କାରଣ ଅସ୍ପଷ୍ଟ

ବ୍ରହ୍ମପୁର,୧୪।୭(ସମିସ): ଗୋପାଳପୁର ଏନଏସିର କାର୍ଯ୍ୟରତ ୩ନଂ ୱାର୍ଡ କାଉନସିଲର୍ ବି. ଗୋପାଳକ୍ରିଷ୍ଣା(୪୬)ଙ୍କ ମୃତଦେହ ନିଜ ଦୋକାନରୁ ଉଦ୍ଧାର କରିଛି ପୁଲିସ। ସୂଚନାଯୋଗ୍ୟ ଯେ, ମୃତ କାଉନସିଲରଙ୍କ ଘର ଭୁଲୋକ ସାହିରେ



ଥିବାବେଳେ ସେ ଗୋପବନ୍ଧୁ ପାଠାଗାର ନିକଟସ୍ଥ ମାର୍କେଟ କମ୍ପ୍ଲେକ୍ସରେ ଶ୍ରୀଭେଙ୍କଟେଶ୍ୱର ଟ୍ରେଡର୍ସ ନାମକ ଏକ ଜାଲ ଓ ଦୌଡି ଦୋକାନ କରିଥିଲେ। ସୋମବାର ପୂର୍ବାହ୍ନରେ ଗୋପାଳ ଦୋକାନ ଖୋଲିଥିଲେ। ମଧ୍ୟାହ୍ନ ପ୍ରାୟ ସାଢ଼େ ୧୨ଟା ବେଳେ କୌଣସି କାମରେ ଦୋକାନ ନିକଟକୁ ତାଙ୍କର ୨ପୁଅ ପବନ ଓ ଭିକି ଆସିଥିଲେ। ଦୋକାନକୁ ଆସି ଦେଖିବାବେଳେ ବାପା ଗୋପାଳଙ୍କ ଚପଲ ବାହାରେ ଥିବାବେଳେ ଦୋକାନର ସଟର ବନ୍ଦ ଥିଲା। ବାପା ଦୋକାନରେ ଶୋଇଥିବେ ଭାବି ସଟର ଟେକି ଦେଖିବା ବେଳେ ଏକ ପ୍ଲାଷ୍ଟିକ ଦୌଡ଼ିରେ ଫ୍ୟାନ୍ ହୁକରେ ଗୋପାଳକୃଷ୍ଣ ଝୁଲୁଥିବା ଦେଖି ତାଙ୍କୁ ତୁରନ୍ତ ତଳକୁ ଓହ୍ଲାଇ ମେଡିକାଲ ନେବାପାଇଁ ଚେଷ୍ଟା କରିଥିଲେ। ତେବେ ତଳକୁ ଓହ୍ଲାଇବା ପରେ ତାଙ୍କ ନିଶ୍ୱାସ ଯାଉ ନଥିବା ଜାଣିପାରି ମୃତ୍ୟୁ ଘଟିଥିବା ଅନୁମାନ କରିଥିଲେ। ପରେ ଏ ନେଇ ବଡ଼ ପୁଅ ପବନ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପ୍ରକାରେ ପୁଲିସ ଏକ ମାମଲା ରୁଜୁ କରି ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ମେଡିକାଲକୁ ପଠାଇଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତେବେ କେଉଁ କାରଣରୁ ଗୋପାଳଙ୍କ ମୃତ୍ୟୁ ଘଟିଛି ତାହା ପୋଷ୍ଟମୋଟମ ରିପୋର୍ଟ ମିଳିବା ପରେ ହିଁ ସ୍ପଷ୍ଟ ହେବ ବୋଲି ପୁଲିସ କହିଛି। ଘଟଣାର ତଦନ୍ତ ଜାରି ରହିଛି।

## ୬ ଆନ୍ତଃଜିଲ୍ଲା ବାଇକ୍ ଚୋର କୋର୍ଟଚାଲାଣ

ବ୍ରହ୍ମପୁର,୧୪।୭(ସମିସ): ଅନ୍ତଃଜିଲ୍ଲା ବାଇକ୍ ଚୋର ଗ୍ୟାଙ୍ଗର ୬ଜଣ ସଦସ୍ୟଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ଟାଉନ ଥାନା ପୁଲିସ। ଗିରଫ ଅଭିଯୁକ୍ତ ଗଞ୍ଜାମ ଓ ଗଜପତିର ବୋଲି ଜଣାପଡ଼ିଛି। ସେମାନେ ହେଲେ ବ୍ରହ୍ମପୁର ସୋମନାଥନଗର ୫ମ ଲାଇନର ଶିବରାମ ପଣ୍ଡା(୩୨), ବଡ଼ଖେମୁଣ୍ଡି ସାହିର ପି. ଆଶିଷ ରାଓ(୩୧), ତୁଳସୀ ନଗର ୭ମ ଲାଇନର ମନୋଜ ପ୍ରଧାନ(୩୫) ଏବଂ ଗଜପତି ଜିଲ୍ଲା ଅଡ଼ବା ଥାନା ପଦଲପଙ୍କା ଗ୍ରାମର ଜିସାୟୀ ମଲ୍ଲିକ (୨୮), ଶେରଗଡ଼ ଟିକରଡା ଗ୍ରାମର ମିଥୁନ ନାୟକ(୨୨), ଗାଙ୍ଗପୁର ଥାନା କେସରପଲ୍ଲୀ ଗ୍ରାମର ଅନିଲ କୁମାର ସ୍ୱାଇଁ (୨୭)। ଗିରଫ ଅଭିଯୁକ୍ତଙ୍କ ଠାରୁ ୫ଟି ଗ୍ଲାମର, ୩ଟି ହିରୋ ଏଚ୍‌ଏଫ୍ ଡିଲକ୍ସ ଓ ଗୋଟିଏ ଲେଖାଏଁ ହୋଣ୍ଡା ଏଭିଏଟର୍-ହିରୋ ସ୍ପେଲଣ୍ଡର ଆଦି ୧୦ଗାଡ଼ିକୁ ପୁଲିସ ଉଦ୍ଧାର କରିଛି। ଗଞ୍ଜାମ ଏବଂ ଗଜପତି ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଏହି ଗ୍ୟାଙ୍ଗ ମୋଟର ସାଇକେଲ ଚୋରି କରି ସେଗୁଡିକୁ ସ୍ୱଳ୍ପ ମୂଲ୍ୟରେ ବିକ୍ରି କରିବାକୁ ଯୋଜନା କରିଥିଲେ। ଗିରଫ ପରେ ସେମାନଙ୍କୁ ଜେରା କରି ପୁଲିସ ସମସ୍ତ ଚୋରି ବାଇକ୍ ଉଦ୍ଧାର କରିବାରେ ସଫଳ ହୋଇଛି। ଉଦ୍ଧାର ୧୦ଟି ମୋଟର ସାଇକେଲ ମଧ୍ୟରୁ ୭ଟି ମୋଟର ସାଇକେଲ ସମ୍ପର୍କରେ ବ୍ରହ୍ମପୁର ପୁଲିସ ଜିଲ୍ଲାର ବୈଦ୍ୟନାଥପୁର ଥାନାରେ ୩ଟି ଓ ଟାଉନ ଥାନାରେ ୪ଟି ମାମଲା ରୁଜୁ ହୋଇଛି।

ଅଭିଯୁକ୍ତମାନେ ୩ଟି ମୋଟର ସାଇକେଲରୁ ଇଞ୍ଜିନ ଓ ଚେସିସ ନମ୍ବର ଲିଭାଇ ଦେଇଥିବା ଜଣାପଡିଛି। ଅବଶିଷ୍ଟ ବାଇକ୍ ଗୁଡ଼ିକର ମାଲିକାନା ଚିହ୍ନଟ ହୋଇପାରିନାହିଁ। ସମସ୍ତ ଅଭିଯୁକ୍ତ ଏକ ସଂଗଠିତ ଗ୍ୟାଙ୍ଗରେ କାମ କରୁଥିଲେ। ଏହି ଗ୍ୟାଙ୍ଗର ଅନ୍ୟ ସଦସ୍ୟମାନଙ୍କୁ କାବୁ କରିବା ପାଇଁ ପୁଲିସ ପକ୍ଷରୁ ଉଦ୍ୟମ ଜାରି ରହିଥିବା କହିଛନ୍ତି ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ। ଥାନା ଅଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଏସଆଇ ବିଭୁତି ସେଠୀ ଓ ରଞ୍ଜିତ କୁମାର ଦାଶ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛନ୍ତି। ସମସ୍ତ ୬ ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି।

**ଏମ୍‌କେସିଜିରେ ଏମିତି ଚାଲିଛି ଗୁରୁତର ରୋଗୀଙ୍କ ଚିକିତ୍ସା**

# ଡାକ୍ତର ସାଜିଲେ ଦଲାଲ୍!

### ନର୍ସିଂହୋମ୍‌ରେ ରୋଗୀଙ୍କ ମୃତ୍ୟୁ; ଗ୍ରାମବାସୀଙ୍କ ବିକ୍ଷୋଭ






- ଏମ୍‌କେସିଜି ଡାକ୍ତରଙ୍କ ନାମରେ ଗୁରୁତର ଅଭିଯୋଗ
- ଚଳିବନି ଦଲାଲଗିରି, ନିଆଯିବ ଦୃଢ଼ କାର୍ଯ୍ୟାନୁଷ୍ଠାନ: ଡିନ୍

ବ୍ରହ୍ମପୁର,୧୪।୭(ସମିସ): ଏମ୍‌କେସିଜି ମେଡିକାଲର ଆଶୁଚିକିତ୍ସା ବିଭାଗକୁ ଆସିଥିବା ଜଣେ ରୋଗୀଙ୍କୁ ମେଡିକାଲର ଡାକ୍ତର ସ୍ଥାନୀୟ ଏକ ଘରୋଇ ନର୍ସିଂହୋମକୁ ଚାଲାଣ କରିଥିବା ଅଭିଯୋଗ ହୋଇଛି। ପରବର୍ତ୍ତୀ ସମୟରେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତଥା ଅସ୍ତ୍ରୋପଚାର ଗୃହରେ ହିଁ ରୋଗୀର ମୃତ୍ୟୁ ହୋଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ମୃତ ରୋଗୀ ଜଣକ ବାଘଲଟି ଗ୍ରାମର ବଳରାମ ଗୌଡ଼ ବୋଲି ଜଣାପଡ଼ିଛି। ଘଟଣାକୁ ନେଇ ଗୋଇଲୁଣ୍ଡିସ୍ଥିତ ବିନାୟକ ହସ୍ପିଟାଲ ଏବଂ ଏମ୍‌କେସିଜି ମେଡିକାଲ ସମ୍ମୁଖରେ ମୃତ ବଳରାମଙ୍କ ପରିବାର ସମେତ ଶତାଧିକ ଗ୍ରାମବାସୀ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମେଡିକାଲର ଅସ୍ଥିଶଲ୍ୟ ବିଭାଗ ଆସିଷ୍ଟାଣ୍ଟ ପ୍ରଫେସର ଡା. ଦିଲ୍ଲୀପ ପ୍ରଧାନ ଉକ୍ତ ଘରୋଇ ହସ୍ପିଟାଲକୁ ରୋଗୀ ଚାଲାଣ କରିଥିବା ମୃତକଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଏଣୁ ଏହାର ତଦନ୍ତ ପାଇଁ ଏକ ଟିମ୍ ଗଠନ କରାଯିବ। ତଦନ୍ତ ରିପୋର୍ଟ ଆଧାରରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସ୍ପଷ୍ଟ କରିବା ସହିତ ମେଡିକାଲରେ ଡାକ୍ତର ନାଁରେ ଦଲାଲଗିରି କରି ଘରୋଇ ହସ୍ପିଟାଲକୁ ରୋଗୀ ଚାଲାଣ ଭଳି ଘଟଣାକୁ ଆଦୌ ବରଦାସ୍ତ କରାଯିବ ନି ବୋଲି କହିଛନ୍ତି ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ଡିନ ପ୍ରଫେସର ଡା. ସୁଚିତ୍ରା ଦାଶ।

ଅନ୍ୟପକ୍ଷରେ ଘଟଣାକୁ ନେଇ ବୈଦ୍ୟନାଥପୁର ଥାନାରେ ଏତଲା ଦିଆଯାଇଥିବା ବେଳେ ପୁଲିସ ଏହାର ତଦନ୍ତ କରୁଥିବା ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍ କହିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ୧୦ତାରିଖରେ ରଙ୍ଗେଇଲୁଣ୍ଡା ବ୍ଲକ୍ ବାଘଲଟି ଗ୍ରାମର ବଳରାମ ଗୌଡ଼(୨୫) ଦିଗପହଣ୍ଡି ଥାନା ଅଞ୍ଚଳରେ ବାଇକ ଦୁର୍ଘଟଣାରେ ଆହତ ହୋଇଥିଲେ। ତାଙ୍କୁ ଏମ୍‌କେସିଜି ମେଡିକାଲର କାଜୁଆଲଟିରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ପ୍ରାଥମିକ ଚିକିତ୍ସା ସହ ଏକ୍ସରେ କରାଯାଇଥିଲା। ଏହି ସମୟରେ ମେଡିକାଲର ଅସ୍ଥିଶଲ୍ୟ ବିଭାଗ ଆସିଷ୍ଟାଣ୍ଟ ପ୍ରଫେସର ଡା. ଦିଲ୍ଲୀପ ପ୍ରଧାନ ବଡ ମେଡିକାଲରେ ଚିକିତ୍ସା ବିଳମ୍ବ ହେବ ବୋଲି ବଳରାମଙ୍କ ସମ୍ପର୍କୀୟଙ୍କୁ କହିଥିଲେ। ଏଣୁ ସେ ଚିକିତ୍ସା କରୁଥିବା ଘରୋଇ ହସ୍ପିଟାଲକୁ ରୋଗୀଙ୍କୁ ସ୍ଥାନାନ୍ତର କରିବାକୁ ଡାକ୍ତର ଜଣକ ପରାମର୍ଶ ଦେଇଥିବା ମୃତ ବଳରାମଙ୍କ ଭାଇ ଜଗନ୍ନାଥ ଗୌଡ଼ ଅଭିଯୋଗ କରିଛନ୍ତି। ଘରୋଇ ହସ୍ପିଟାଲରେ ବଳରାମଙ୍କୁ ୨ଦିନ ମଧ୍ୟରେ ସୁସ୍ଥ କରିଦେବେ ବୋଲି କୁଆଡ଼େ ଡାକ୍ତର ପ୍ରତିଶ୍ରୁତି ଦେଇଥିଲେ। ପରେ ଗତ ୧୧ତାରିଖରେ ଗୋଇଲୁଣ୍ଡିସ୍ଥିତ ବିନାୟକ ହସ୍ପିଟାଲରେ ଆହତ ବଳରାମଙ୍କୁ ଭର୍ତ୍ତି କରାଯାଇଥିଲା। ତାହାପରେ ଆଉ ଡାକ୍ତରଙ୍କ ଦେଖା ମିଳିନଥିବା ରୋଗୀଙ୍କ ସମ୍ପର୍କୀୟମାନେ ଅଭିଯୋଗ କରିଛନ୍ତି। ୨ଦିନ ପରେ ଅର୍ଥାତ ରବିବାର ସନ୍ଧ୍ୟା ୫ଟା ସମୟରେ ବଳରାମଙ୍କୁ ଅସ୍ତ୍ରୋପଚାର ଗୃହକୁ ନିଆଯାଇଥିଲା। ପ୍ରାୟ ୨ଘଣ୍ଟା ପରେ ଅର୍ଥାତ ୭ଟା ବେଳକୁ ବଳରାମ ଗୁରୁତର ଥିବା କହି ଏକ ଆମ୍ବୁଲାନ୍ସ ଯୋଗେ ଏମ୍ସ ନେବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ଏବଂ ଏମ୍ସକୁ ସ୍ଥାନାନ୍ତର ବେଳେ ରାସ୍ତାରେ ବଳରାମଙ୍କ ପ୍ରାଣବାୟୁ ଉଡି ଯାଇଥିଲା। ସେଠାରୁ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲକୁ ଅଣାଯାଇଥିବା ବେଳେ ଡାକ୍ତର ବଳରାମଙ୍କୁ ମୃତ ଘୋଷଣା କରିଥିଲେ। ଡାକ୍ତର ଠିକ୍ ଭାବେ ନଆସିବା ଓ ଜାଣିଶୁଣି ଚିକିତ୍ସାରେ ଅବହେଳା କରିବା କାରଣରୁ ବଳରାମଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏନେଇ ପରିବାର ପକ୍ଷରୁ ବୈଦ୍ୟନାଥପୁର ଥାନା, ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ଅଧ୍ୟକ୍ଷ ତଥା ଡିନ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି। ଘଟଣାର ତଦନ୍ତ କରିବା ସହ କାର୍ଯ୍ୟରେ ଅବହେଳା କରିଥିବା ଡାକ୍ତର ଓ ସଂପୃକ୍ତ ଘରୋଇ ହସ୍ପିଟାଲ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୃତ ବଳରାମଙ୍କ ଭାଇ ଜଗନ୍ନାଥ ଗୌଡ ଦାବି କରିଛନ୍ତି।

## ବାଇକ୍ ପାଟ୍ରୋଲିଂ ଆରମ୍ଭ, ବାଜିଲା ସାଇରନ୍ ବୁଲିଲା ଗାଡ଼ି

ବ୍ରହ୍ମପୁର,୧୪।୭(ସମିସ)



ବ୍ରହ୍ମପୁର ସହରରେ ପୁଲିସ ପାଟ୍ରୋଲିଂ ସମସ୍ୟାର ହେବ ସମାଧାନ। ବ୍ରହ୍ମପୁର ପୁଲିସକୁ ମିଳିଛି ୧୫ଟି ବାଇକ୍। ଯାହା ଜରିଆରେ ସହରର ବିଭିନ୍ନ ଥାନା ଇଲାକାରେ ତ୍ୱରାନ୍ୱିତ ହେବ ପାଟ୍ରୋଲିଂ ବ୍ୟବସ୍ଥା। ବ୍ରହ୍ମପୁର ପୁଲିସ ମୁଖ୍ୟାଳୟରେ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍‌ଙ୍କ ଉପସ୍ଥିତିରେ ପତାକା ଦେଖାଇ ଏହି ସ୍ୱତନ୍ତ୍ର ବାଇକ୍ ପାଟ୍ରୋଲିଂ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି ଦକ୍ଷିଣାଞ୍ଚଳ ପୁଲିସ ଆଇଜି ନିତୀ ଶେଖର। ମୋଟ ୧୫ଟି ବାଇକ ମଧ୍ୟରୁ ୫ଟି ଟ୍ରାଫିକ ଥାନାରେ ଏବଂ ଅବଶିଷ୍ଟ ୧୦ଟି ମଧ୍ୟରୁ ୫ଟି ଥାନାକୁ ଦୁଇଟି ଲେଖାଏଁ ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି। ସହରର ଟାଉନ, ଗୋଷାଣିନୂଆଗାଁ, ବୈଦ୍ୟନାଥପୁର, ବଡବଜାର ଓ ନିମଖଣ୍ଡି ଥାନା ଇଲାକାରେ ମୁଖ୍ୟତଃ ଏହି ବାଇକ ପାଟ୍ରୋଲିଂ କରାଯିବ। ପ୍ରତ୍ୟେକ ବାଇକକୁ ସ୍ୱତନ୍ତ୍ର ଭାବେ ଡିଜାଇନ୍ କରାଯାଇଥିବା ବେଳେ ଏଥିରେ ସାଇରନ୍, ବ୍ଲିଙ୍କର୍, ପବ୍ଲିକ୍ ଆଡ୍ରେସ୍ ସିଷ୍ଟମ୍-ମେଗାଫୋନ୍ ଆଦିର ବ୍ୟବସ୍ଥା ରହିଛି। ଟ୍ରାଫିକ ସମସ୍ୟା ସୃଷ୍ଟି ହେଲେ ତାହାର ସମାଧାନ ପାଇଁ ତୁରନ୍ତ ଘଟଣା ସ୍ଥଳରେ ପହଁଞ୍ଚିପାରିବେ ଏହି ବାଇକ ପାଟ୍ରୋଲିଂ ଟିମ। ଏହି କାର୍ଯ୍ୟକୁ ଅଧିକ ସରଳ କରିବା କ୍ଷେତ୍ରରେ ଅର୍ଥାତ୍ ଦୁର୍ଘଟଣା ରୋକିବାରେ, ଟ୍ରାଫିକ ନିୟମ ପାଳନରେ ପୁଲିସକୁ ସହଯୋଗ କରିବାକୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି। ଟ୍ରାଫିକ୍ ନିୟନ୍ତ୍ରଣ ଏବଂ ଜରୁରୀକାଳିନ ପରିସ୍ଥିତିର ମୁକାବିଲା ପାଇଁ ସଡ଼କ ସୁରକ୍ଷା ଉପରେ ବାଇକ୍ ପାଟ୍ରୋଲିଂର ମୁଖ୍ୟତଃ ଧ୍ୟାନ ରହିବ। ଅନେକ ସମୟରେ ବେଆଇନ ପାର୍କିଂ, ରଙ୍ଗ୍ ରୁଟ ଡ୍ରାଇଭିଂ ଏବଂ ରାସ୍ତାରେ ଯାନବାହନ ଖରାପ ଯୋଗୁଁ ଟ୍ରାଫିକ୍ ଜାମ ଜନିତ ସମସ୍ୟାର ତ୍ୱରିତ ସମାଧାନ ହୋଇପାରିବ ବୋଲି କୁହାଯାଇଛି। ପୂର୍ବରୁ ସହରର ଅଣଓସାରିଆ ସାହି ଭିତରକୁ ପିସିଆର ଭ୍ୟାନ ଯିବା କଷ୍ଟକର ହେଉଥିବା ବେଳେ ଏହାର ସୁଯୋଗ ନେଉଥିଲେ ଅପରାଧି। ବର୍ତ୍ତମାନ କିନ୍ତୁ ସହରରେ ଏହି ନୂତନ ବାଇକ ପେଟ୍ରୋଲିଂ ଆରମ୍ଭ ହୋଇଥିବା ବେଳେ ସହରର ବିଭିନ୍ନ ଗଳିକନ୍ଦିକୁ ପୁଲିସ ବାଇକ୍‌ରେ ଯାଇ ପାଟ୍ରୋଲିଂ କରିପାରିବ। ଯାହାଫଳରେ ଚୋରି, ଡକାୟତି, ଲୁଟତରାଜ ଭଳି ଅପରାଧିକ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରାଯିବା ସହ ସଠିକ୍ ସମୟରେ ପୁଲିସ ଘଟଣାସ୍ଥଳରେ ପହଞ୍ଚିପାରିବ। ବର୍ତ୍ତମାନ ପ୍ରାଥମିକ ପର୍ଯ୍ୟାୟରେ ୧୫ଟି ବାଇକକୁ ନେଇ ପାଟ୍ରୋଲିଂ ଆରମ୍ଭ ହୋଇଥିବା ବେଳେ ଆଗାମୀ ଦିନରେ ଅଧିକ ବାଇକ ବ୍ରହ୍ମପୁର ପୁଲିସ ଜିଲ୍ଲାକୁ ଆସିବ ବୋଲି ସୂଚନା ଦେଇଛନ୍ତି ଦକ୍ଷିଣାଞ୍ଚଳ ପୁଲିସ ଆଇଜି ନୀତି ଶେଖର। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସପି ଅସୀମା ସ୍ୱାଇଁ, କୈଳାସ ଚନ୍ଦ୍ର ବୁରୁଦା, ଡିଏସ୍‌ପି ଦିଲ୍ଲୀପ ସାହୁ, କୁନି ଶବର, ବିଶ୍ୱଜ ରାଉତରାଏ, ଟାଉନ ଏସ୍‌ଡିପିଓ ପ୍ରିୟରଞ୍ଜନ ଛୋଟରାୟ, ସଦର ଏସ୍‌ଡିପିଓ ଏସ୍‌ଏସ୍ ପରିଡ଼ା, ନିମଖଣ୍ଡି ଥାନା ଅଧିକାରୀ କୃଷ୍ଣ ଶାହା, ଗୋଷାଣିନୂଆଗାଁ ଥାନା ଅଧିକାରୀ ସ୍ମୃତିପ୍ରଭା ପ୍ରଧାନ, ବୈଦ୍ୟନାଥପୁର ଥାନା ଅଧିକାରୀ ସୁଚିତ୍ରା ପରିଡ଼ା, ରିଜର୍ଭ ଇନ୍‌ସପେକ୍ଟର ଏମ. ଲକ୍ଷ୍ମୀ ରଞ୍ଜନଙ୍କ ସମେତ ବହୁ ପୁଲିସ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ୨ଟି ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

ବ୍ରହ୍ମପୁର/କୁକୁଡାଖଣ୍ଡି୧୪।୭(ସମିସ): ରବିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ସଦର ଥାନା ଅନ୍ତର୍ଗତ କୁକୁଡ଼ାଖଣ୍ଡି ଶାନ୍ତି ନଗରର ଦୁଇଟି ଘରେ କଳାକନା ବୁଲାଇ ଟଙ୍କା ସହ ସୁନା ଅଳଙ୍କାର ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିଥିବା ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ଯେ, ଶାନ୍ତି ନଗରରେ ଇପିଲି ତ୍ରିନାଥ ଓ ଏନ୍. ଲକ୍ଷ୍ମୀନାରାୟଣ ଦୋରା ରୁହନ୍ତି। ଲକ୍ଷ୍ମୀନାରାୟଣ ନିଜ ଘରେ ତାଲା ପକାଇ ଦିଗପହଣ୍ଡିଠାରେ ରହୁଥିବା ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ। ସେହିପରି ତ୍ରିନାଥ ନିଜ ଘର ତାଲା ପକାଇ ମୁମ୍ବାଇରେ ଯାଇଥିଲେ। ରବିବାର ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ଉକ୍ତ ଦୁଇଟି ଘରକୁ ଟାର୍ଗେଟ କରି କଳାକନା ବୁଲାଇବାରେ ସଫଳ ହୋଇଛନ୍ତି। ସୋମବାର ସକାଳୁ ସ୍ଥାନୀୟ ଲୋକେ ଉକ୍ତ ଦୁଇଟି ଘରର ତାଲା ଭାଙ୍ଗିବା ଘଟଣା ଦେଖି ସଙ୍ଗେ ସଙ୍ଗେ ତ୍ରିନାଥ ଓ ଲକ୍ଷ୍ମୀନାରାୟଣଙ୍କୁ ଫୋନ ମାଧ୍ୟମରେ ସୂଚନା ଦେଇଥିଲେ। ପରେ ନିକଟସ୍ଥ ଥାନାକୁ ଖବର ଦେଇଥିଲେ। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ପରେ ଲକ୍ଷ୍ମୀ ନାରାୟଣ ଘଟଣାକୁ ନେଇ ଥାନାରେ ଅଭିଯୋଗ କରିଥିଲେ। ଲକ୍ଷ୍ମୀ ନାରାୟଣଙ୍କ ଘରୁ ନଗଦ ୨୦ ହଜାର, ରୂପାର ଗିନା ଓ ସୁନା କାନଫୁଲ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ତ୍ରିନାଥଙ୍କ ଘରୁ କ'ଣ ଚୋରି ହୋଇଛି ତାହା ସେମାନେ ମୁମ୍ବାଇରୁ ଫେରିଲା ପରେ ହିଁ ସ୍ପଷ୍ଟ ହେବ ବୋଲି ଜଣାପଡ଼ିଛି। ଲକ୍ଷ୍ମୀନାରାୟଣଙ୍କ ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ରାମ ସୁବ୍ରମଣ୍ୟମ ପ୍ରଧାନ ସୂଚନା ଦେଇଛନ୍ତି।

## କାର୍‌ଗିଲ ସହିଦ ପରିବାରକୁ ସମ୍ବର୍ଦ୍ଧନା



ବ୍ରହ୍ମପୁର,୧୪।୭(ସମିସ): ୧୯୯୯ମସିହାରେ ଭାରତ ଓ ପାକିସ୍ଥାନର କାରଗିଲ ଯୁଦ୍ଧରେ ସହିଦ ହୋଇଥିବା ଓଡିଶାର ଚାରୋଟି ପରିବାରକୁ ଯୁଦ୍ଧର ୨୫ବର୍ଷ ପୂର୍ତ୍ତୀ ଅବସରରେ ସମ୍ବର୍ଦ୍ଧିତ କରିଛି ଭାରତୀୟ ସେନା। ଏ ଅବସରରେ କାରଗିଲ୍‌ରୁ ଆସିଥିବା ୪ଜଣ ସେନା ବ୍ରହ୍ମପୁର ସହର ଉପକଣ୍ଠ ଜଗଦଳପୁର ଗ୍ରାମର ଏସ.ଶ୍ରୀନିବାସ ପାତ୍ରଙ୍କ ପରିବାରଙ୍କୁ ବ୍ରହ୍ମପୁରଠାରେ ସାକ୍ଷାତ କରିବା ସହିତ ସହିଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଶ୍ରୀନିବାସଙ୍କ ଧର୍ମପତ୍ନୀଙ୍କୁ ସମ୍ମାନିତ କରାଯିବା ସହ ପ୍ରଶଂସାପତ୍ର ଏବଂ ସ୍ମାରକୀ ପ୍ରଦାନ କରିଥିଲେ।

## 'ହରିବୋଲ' ପରିସ୍ଥିତିରେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ

ବ୍ରହ୍ମପୁର,୧୪।୭(ସମିସ)



- ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ପରିଦର୍ଶନ କଲେ ବିଧାନସଭା ଷ୍ଟାଣ୍ଡିଂ କମିଟି
- ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଅପରିଷ୍କାର ନେଇ ବିରକ୍ତ ପ୍ରକାଶ କଲେ

ବିଧାନସଭା ଷ୍ଟାଣ୍ଡିଂ କମିଟି-୪ ସୋମବାର ଅପରାହ୍ନରେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ଖଲ୍ଲିକୋଟ ବିଧାୟ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ ୬ଜଣିଆ କମିଟି ବିଶ୍ୱବିଦ୍ୟାଳୟ ପରିଦର୍ଶନ କରିଥିଲେ। କମିଟିରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ଆସିକା ବିଧାୟକ ସରୋଜ କୁମାର ପାଢ଼ି, ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଓ ରାଇରଙ୍ଗପୁର ବିଧାୟକ ଜଲେନ ନାଏକ ରହିଥିଲେ। ଉକ୍ତ କମିଟିରେ ଅଧ୍ୟକ୍ଷ ସମେତ ୧୨ଜଣ ଦସଦ୍ୟ ରହିଥିବା ବେଳେ କୌଣସି କାରଣଙ୍କୁ ୬ଜଣ ସଦସ୍ୟ ଅନୁପସ୍ଥିତ ଥିଲେ। ଉକ୍ତ କମିଟି ପ୍ରଥମେ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ଆର. ସି ମର୍ଦ୍ଦରାଜ ଦେଓ ଏବଂ ହରିହର ମର୍ଦ୍ଦରାଜ ଦେଓଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପ୍ରତିମୂର୍ତ୍ତି ଚର୍ତୁପାଶ୍ୱରେ ଥିବା ଅପରିଷ୍କାରକୁ ଦେଖି କମିଟିର ସଦସ୍ୟମାନେ ବିରକ୍ତି ପ୍ରକାଶ କରିବା ସହ ଏଥିପ୍ରତି ଦୃଷ୍ଟି ଦେବାକୁ ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ କୁଳପତିଙ୍କୁ କହିଥିଲେ। ଏହା ପରେ କୁଳପତିଙ୍କ କକ୍ଷରେ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଗୀତାଞ୍ଜଳୀ ଦାଶଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଶ୍ୱବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିଶ୍ୱବିଦ୍ୟାଳୟରେ ମୋଟ ୧୯ଟି ବିଭାଗ ରହିଥିବା ଉକ୍ତ ବିଭାଗ ଅଧିନରେ ଛାତ୍ରଛାତ୍ରୀ ନାମ ଲେଖାଇଥିବା ସହ ପାଠ ପଢୁଛନ୍ତି। କିନ୍ତୁ ସେଥିମଧ୍ୟରୁ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ହିନ୍ଦି ଓ ଦର୍ଶନଶାସ୍ତ୍ର ବିଭାଗକୁ ଅନୁମୋଦି ପ୍ରଦାନ କରାଯାଇନଥିବା କୁଳପତି ପ୍ରଫେସର ଦାଶ କହିଛନ୍ତି। ସେହିପରି ବିଶ୍ୱବିଦ୍ୟାଳୟ ନିମନ୍ତେ ବିଭିନ୍ନ ବର୍ଗର ମୋଟ ୧୧୨ଟି ଅଧ୍ୟାପକ ପଦବୀ ମଞ୍ଜୁର ହୋଇଛି। କିନ୍ତୁ ବିଭାଗ ପକ୍ଷରୁ କୌଣସି ପଦବୀ ପୂରଣ କରାଯାଇନଥିଲା। ଏଭଳି କି ବିଶ୍ୱବିଦ୍ୟାଳୟର ନିମନ୍ତେ ମୋଟ ୧୬ଟି ପ୍ରଫେସର ପଦବୀ ମଞ୍ଜୁର ହୋଇଥିବା ବେଳେ ବର୍ତ୍ତମାନ ପ୍ରଫେସର ସଂଖ୍ୟା ଶୂନ ରହିଛି। ପୂର୍ବରୁ ରହିଥିବା କର୍ମଚାରୀ ଓ ଅତିଥି ଅଧ୍ୟାପକ ଜରିଆରେ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଚାଲିଛି। ସେହିପରି ୬୮ଟି ଅଣ ଶିକ୍ଷକ ପଦବୀ ରହିଥିବା ବେଳେ ସେଥି ମଧ୍ୟରୁ ୬୨ଟି ବଦବୀ ଖାଲି ପଡ଼ିଛି। ଏଭଳି ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ସମସ୍ୟା ଅବଗତ ହେବା ପରେ ବିଶ୍ୱବିଦ୍ୟାଳୟର 'ହରି ବୋଲ' ପରିସ୍ଥିତିରେ ରହିଥିବା ଆସିକା ବିଧାୟକ ସରୋଜ କୁମାର ପାଢ଼ି ବୈଠକରେ କହିଥିଲେ। ଅନ୍ୟପକ୍ଷରେ କିଛି ଦିନ ପୂର୍ବେ ବିକାଶ ମେଳା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଶ୍ୱବିଦ୍ୟାଳୟର ଖେଳ ପଡ଼ିଆକୁ ବ୍ୟବହାର କରାଯାଇଥିଲା। କିନ୍ତ ମେଳା ଶେଷ ହେବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ପଡ଼ିଆ ସଫାସୁତୁରା କରାଯାନଥିବା ସମ୍ପର୍କରେ କୁଳପତି କହିଥିଲେ। ଏହା ସହ ବିଶ୍ୱବିଦ୍ୟାଳୟର ହଷ୍ଟେଲ ସ୍ଥିତି ସମ୍ପର୍କରେ କମିଟିକୁ ଅବଗତ କରିଥିଲେ। ଅସୁରକ୍ଷିତ ହଷ୍ଟେଲ ଭାଙ୍ଗି ସେହି ସ୍ଥାନରେ ନୂତନ ହଷ୍ଟେଲ ନିର୍ମାଣ ପାଇଁ ପ୍ରସ୍ତାବ ଦେବାକୁ କମିଟି କହିଥିଲେ। ଏଭଳି ଭାବେ ବିଧାନ ସଭା ଷ୍ଟାଣ୍ଡିଂ କମିଟି-୪ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ପରିଦର୍ଶନ କରିବା ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ଏହା ସମାଧାନ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ସହ ଉଚ୍ଚ ଶିକ୍ଷା ବିଭାଗକୁ ଅବଗତ କରାଯିବ ବୋଲି ବିଧାୟକ ଶ୍ରୀ ସେଠୀ କହିଥିଲେ। ବୈଠକରେ ବିଶ୍ୱବିଦ୍ୟାଳୟ କୁଳସଚିବ ପାର୍ବତୀ ମଞ୍ଜରୀ ମହାଲିକ ଓ ପିଜିସି ଡ. ମନୋଜ କୁମାର ପଟ୍ଟନାୟଙ୍କ ସମେତ ବିଭିନ୍ନ ବିଭାଗର ମୁଖ୍ୟଙ୍କ ସମେତ ବହୁ କର୍ମଚାରୀ ଉପସ୍ଥିତ ଥିଲେ। ପରେ ପରେ ସ୍ଥାନୀୟ ସର୍କିଟ ହାଉସ ପରିସରରେ ଜିଲ୍ଲା ପ୍ରଶାସନ, ଉଚ୍ଚଶିକ୍ଷା ବିଭାଗର ଅଧିକାରୀ, ଜିଲ୍ଲା ଶିକ୍ଷାଧିକାରୀଙ୍କ ସହିତ ଏହି କମିଟି ଆଲୋଚନା କରିଥିବା ଜଣାପଡ଼ିଛି।

## ରାଜ୍ୟସ୍ତରୀୟ ଆମେଚର୍ କିକ୍ ବକ୍ସିଂ ପ୍ରତିଯୋଗିତାରେ ଅମିତ୍‌ଙ୍କ ସଫଳତା

ବ୍ରହ୍ମପୁର,୧୪।୭(ସମିସ)

ଅନୁଗୁଳରେ ଅନୁଷ୍ଠିତ ଷଷ୍ଠ ୱାକୋ ଓଡ଼ିଶା ରାଜ୍ୟସ୍ତରୀୟ ଆମେଚୁର୍ କିକ୍ ବକ୍ସିଂ ପ୍ରତିଯୋଗିତାରେ ଚମକିଛନ୍ତି ବ୍ରହ୍ମପୁରର ଯୁବ କ୍ରୀଡ଼ାବିତ୍ ଅମିତ ସେଠୀ (୨୧)। ୨୦୧୯ମସିହାରୁ ସୁନାମଧନ୍ୟ ପ୍ରଶିକ୍ଷକ ପ୍ରମୋଦ ଆପାଟଙ୍କ ଠାରୁ ପ୍ରଶିକ୍ଷଣ ନେଉଥିବା ଅମିତ ଚଳିତ ପ୍ରତିଯୋଗିତାରେ ଲାଇଟ କଣ୍ଟାକ୍ଟ ବର୍ଗରେ ରୌପ୍ୟ ଓ ପଏଣ୍ଟ ଫାଇଟରେ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଖୋଡ଼ାସିଙ୍ଗି ଧୋବା ସାହି ନିବାସୀ ଅମିତଙ୍କର ବାଲ୍ୟକାଳରୁ କ୍ରୀଡ଼ା ପ୍ରତି ଅହେତୁକ ଦୁର୍ବଳତା ରହିଆସିଛି। ୱାକୋ ଇଣ୍ଡିଆ ପକ୍ଷରୁ ଅନୁଷ୍ଠିତ ପ୍ରତିଯୋଗିତାରେ ୮ଟି ବର୍ଗରେ ଖେଳ ହୋଇଥିଲା। ଆଗକୁ ରାୟପୁରରେ ଅନୁଷ୍ଠିତ ହେବାକୁ ଥିବା କିକ୍ ବକ୍ସିଂ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କରିବାକୁ ଲକ୍ଷ୍ୟ ରଖି ଅଭ୍ୟାସ ଜାରି ରଖିଛନ୍ତି ଅମିତ। ବର୍ତ୍ତମାନ ତାଙ୍କୁ ମିଳିଥିବା ପଦକ ତାଙ୍କ ଭବିଷ୍ୟତ ଗଠନରେ ସହାୟକ ହେବ ବୋଲି ସେ କହିଛନ୍ତି।



## ଶିବ ମନ୍ଦିରରେ କାଉଡ଼ିଆଙ୍କ ଭିଡ଼



କୋଦଳା,୧୪।୭(ସମିସ): ପବିତ୍ର ଶ୍ରାବଣ ମାସର ହେଉଛି ପ୍ରଥମ ସୋମବାର ହେତୁ ପ୍ରତ୍ୟେକ ଶିବ ମନ୍ଦିରରେ କଉଡ଼ିଆଙ୍କ ଭିଡ଼। ନିଜ ନିଜର ମାନସିକ ପୂରଣ ପାଇଁ କିଏ କେଉଁଠାରୁ ଜଳ ଉଠାଇ ନିଜ ମାନସିକ ଦେବତାଙ୍କ ମସ୍ତକରେ ଜଳ ଲାଗି କରିଥାନ୍ତି। ଏହି କ୍ରମରେ କୋଦଳା ଏବଂ ବେଗୁନିଆପଡ଼ା ଅଞ୍ଚଳର ବିଭିନ୍ନ ଶୈବ ପୀଠରେ ବୋଲ୍‌ବମ୍ ଭକ୍ତଙ୍କ ଗହଳି ପରିଲକ୍ଷିତ ହୋଇଥିଲା। ରବିବାର ସନ୍ଧ୍ୟାରୁ ଧାଡି ଧାଡ଼ି ହୋଇ କାଉଡିଆ ମାନେ "ବୋଲବମ ହର ହର ବମ' ନାରା ଦେଇ କୋଦଳା ଅଞ୍ଚଳର ଆରାଧ ଦେବତା ବାବା ଶ୍ରୀଦଣ୍ଡିଶ୍ୱର ମହାଦେବଙ୍କ ମନ୍ଦିରରେ ପହଞ୍ଚି ଥିଲେ। ମନ୍ଦିର ପ୍ରଶାସନ ସେମାନଙ୍କୁ ସ୍ୱାଗତ କରାଯାଇଥିବା ବେଳେ ପ୍ରତ୍ୟୁଷରୁ ମନ୍ଦିରରେ ପାଣି ଢାଳି ନିଜ ନିଜର ମାନସିକ ପୂରଣ ପାଇଁ ପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ତତ ସହିତ ଫାଶୀ ମାଣିକେଶ୍ୱର, ଶାଳବଣ, ବେଗୁନିଆପଡା ସିଦ୍ଧେଶ୍ୱର, ସାଙ୍କୁଡ଼ା ଧବଳେଶ୍ୱର, ବରିଡା ଅମରେଶ୍ୱର ପ୍ରଭୃତି ଶୈବ ପୀଠରେ ବୋଲବମ୍ ଭକ୍ତଙ୍କ ଭିଡ଼ ଲାଗିଥିଲା।

## ରେଳବାଇରେ ଚାକିରି ନାଁରେ ଠକେଇ

ଦିଗପହଣ୍ଡି,୧୪।୭(ସମିସ): ରେଳବାଇରେ ଚାକିରି କରାଇବା ନାଁରେ ୭ ଜଣ ଯୁବକଙ୍କୁ ଠାରୁ ୮୬ ଲକ୍ଷ ୫୦ ହଜାର ଟଙ୍କା ଠକେଇ ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଦିଗପହଣ୍ଡି ଥାନା ପଦ୍ମନାଭପୁର ଗ୍ରାମର ଅଭିଷେକ ପଣ୍ଡା ଥାନାରେ ଏତଲା ଦେଇଛନ୍ତି। ଭାରପ୍ରାପ୍ତ ଥାନା ଆଇଆଇସି ଦୁଷ୍ମନ୍ତ କୁମାର ପ୍ରଧାନ ଏତଲାକୁ ଭିତ୍ତିକରି ଥାନା ମାମଲା ନଂ.୨୪୯/୨୫ ଅନୁଯାୟୀ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଛନ୍ତି। ୨୦୨୩ ମସିହାରେ କୁକୁଡାଖଣ୍ଡି ଗ୍ରାମର ଏ . ବିଘ୍ନେଶ୍ୱର ରାଓ ଏବଂ ଆଙ୍କୁଶପୁର ଗ୍ରାମର ଏ . ଆପାରାଓ ଦୋରା ନାମକ ଦୁଇ ଯୁବକ ପଦ୍ମନାଭପୁର ଗ୍ରାମକୁ ଆସି ଗ୍ରାମର ଅଭିଷେକଙ୍କ ସମେତ ଅନ୍ୟ ୬ ଜଣଙ୍କୁ ରେଳ ବିଭାଗରେ ଚାକିରି କରାଇବାର ଆଶା ଦେଖାଇଥିଲେ। ବିଭିନ୍ନ ସମୟରେ ଦୁଇ ଅଭିଯୁକ୍ତ ସେମାନଙ୍କ ଠାରୁ ପର୍ଯ୍ୟାୟ କ୍ରମେ ୮୬ ଲକ୍ଷ ୫୦ ହଜାର ଟଙ୍କା ନେଇଥିଲେ। ଏପରିକି ସେମାନଙ୍କୁ ରାଜ୍ୟର ବିଭିନ୍ନ ସ୍ଥାନକୁ ନେଇ ରେଳବାଇରେ ଚାକିରି ପାଇଁ ୩ ମାସିଆ ତାଲିମ ଦେଇଥିଲେ। ଏହି ଠକେଇର ମାଷ୍ଟର ମାଇଣ୍ଡ ସମରଜିତ ରାଉତ ଏବଂ ତାଙ୍କ ସ୍ତ୍ରୀ ଶୁଭଲକ୍ଷ୍ମୀ ରାଉତଙ୍କ ନାମ ଏତଲାରେ ଉଲ୍ଲେଖ ରହିଛି। ସୂଚନା ଯୋଗ୍ୟ ଏହିକି ଯେ, ଏହି ଠକେଇ ରାକେଟରେ ସମ୍ପୃକ୍ତ କୁକୁଡ଼ାଖଣ୍ଡି ଗ୍ରାମ ଶାନ୍ତି ନଗରର ଏ.ବିଘ୍ନେଶ୍ୱର ଦୋରାଙ୍କୁ ବ୍ରହ୍ମପୁର ସଦର ଥାନା ପୁଲିସ ଶୁକ୍ରବାର ଗିରଫ କରି କୋର୍ଟଚାଲାଣ କରିଛନ୍ତି। ଦିଗପହଣ୍ଡି ପୁଲିସ ଅଭିଯୁକ୍ତ ବିଘ୍ନେଶ୍ୱରଙ୍କୁ ରିମାଣ୍ଡରେ ଆଣିବ ବୋଲି ତଦନ୍ତକାରୀ ଅଧିକାରୀ ଏସ.ଆଇ ଦୁଷ୍ମନ୍ତ ପ୍ରଧାନ କହିଛନ୍ତି।

## ଝାଡ଼ାବାନ୍ତି ଇଲାକାରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର



ଦିଗପହଣ୍ଡି,୧୪।୭(ସମିସ): ଦିଗପହଣ୍ଡି ବ୍ଲକ ସହଦେବ ଟିକରପଡା ପଞ୍ଚାୟତ ଅନ୍ତର୍ଗତ ଜନଜାତି ବହୁଳ ଉସ୍ତପଲ୍ଲୀ ଗାଁରେ ଗତ କିଛିଦିନ ହେଲା ଝାଡାବାନ୍ତି ଲାଗି ରହିଥିଲା। ଝାଡାବାନ୍ତି ପ୍ରଭାବରେ ୩ ଜଣ ମୃତ୍ୟୁବରଣ କରିଥିଲେ। ସୋମବାର ଉକ୍ତ ଗାଁରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ଗ୍ରାମରେ ୨୦ରୁ ଊର୍ଦ୍ଧ୍ୱ ପରିବାର ବାସ କରୁଥିବା ବେଳେ କିଛିଦିନ ପୂର୍ବରୁ ଗ୍ରାମର ବହୁ ଲୋକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ଏଥିରେ ବହୁ ଲୋକ ଚିକିତ୍ସା ପରେ ସୁସ୍ଥ ହୋଇ ଘରକୁ ଫେରିଥିଲେ। ଗ୍ରାମରେ ପ୍ରଶାସନ ପକ୍ଷରୁ ମେଡିକାଲ ଟିମ୍ , ପାନୀୟଜଳ ବିଭାଗ ପକ୍ଷରୁ ପାନୀୟ ଜଳ ଓ ଲୋକଙ୍କ ରକ୍ତ ନମୁନା ସଂଗ୍ରହ କରି ପରୀକ୍ଷଣ କରି ଫେରିଥିଲେ। ଏହି ପରିପ୍ରେକ୍ଷୀରେ ସୋମବାର ପୂର୍ବାହ୍ନରେ ଗ୍ରାମରେ ଏକ ମେଡ଼ିକାଲ ଟିମ୍ ପହଞ୍ଚି ଗ୍ରାମବାସୀଙ୍କ ଭିଡ଼ିଆରଏଲ୍, ଏଚ୍‌ଆଇଭି, ମ୍ୟାଲେରିଆ , ହେପାଟାଇଟିସ ଏବଂ ଯକ୍ଷ୍ମା ଭଳି ରୋଗର ପରୀକ୍ଷା କରିଥିଲେ। ଏହି ଶିବିରରେ ବମକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଅଧିକାରୀ ଡ଼ା. ଶୁଚସ୍ମିତା ଚୌଧୁରୀ, ସ୍ୱାସ୍ଥ୍ୟକର୍ମୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଚିନ୍ତାମଣି ପାଣିଗ୍ରାହୀ, ପ୍ରତିମା ପଟ୍ଟନାୟକ, ପିଙ୍କି ବେହେରା, ବିମଳ ବେହେରା, ସମିତି ସଭ୍ୟ ଶୈଳ ବେହେରା, ସରପଞ୍ଚ ପ୍ରତିନିଧି ଶ୍ୟାମ ନାୟକ, ସମିତି ସଭ୍ୟ ପ୍ରତିନିଧି ସମୀର ବେହେରା, ବିକ୍ରମ ପାତ୍ର, ବୁଲୁ ଦଳାଇ, ଭାଗବତ ବେହେରା, ପ୍ରକାଶ ବଢେଇ, ରବୀନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

**ଛାତ୍ରୀଙ୍କ ଆତ୍ମାହୁତି ଘଟଣା**

## ଉଚ୍ଚସ୍ତରୀୟ ତଦନ୍ତ ଦାବିରେ ବିକ୍ଷୋଭ

ବ୍ରହ୍ମପୁର,୧୪।୭(ସମିସ)




ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରୀଙ୍କ ଆତ୍ମହୁତି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ସମସ୍ତ ଦୋଷୀଙ୍କୁ ଦୃଷ୍ଟାନ୍ତମୂଳକ ଶାସ୍ତି ପ୍ରଦାନ ଦାବିରେ ଏଆଇଡିଏସ୍‌ଓ ଜିଲ୍ଲା କମିଟି ପକ୍ଷରୁ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଅନୁଷ୍ଠିତ କରାଯାଇଛି। ବାଲେଶ୍ୱରର ଜନୈକା ଛାତ୍ରୀ ବିଭାଗୀୟ ମୁଖ୍ୟଙ୍କ ଦ୍ୱାରା ବିଭିନ୍ନ ଭାବେ ନିର୍ଯାତିତ ହେବା ପରେ ମଧ୍ୟ ଅଭିଯୋଗକୁ କର୍ତ୍ତୃପକ୍ଷ ଏବଂ ସ୍ଥାନୀୟ ପ୍ରଶାସନ ଗୁରୁତ୍ୱ ନ ଦେବାରୁ ଆତ୍ମହୁତି ଉଦ୍ୟମ କରିବା ଘଟଣା ଶୁଭବୁଦ୍ଧି ସମ୍ପନ୍ନ ଜନଗଣଙ୍କ ହୃଦୟତନ୍ତ୍ରୀକୁ ଦୋହଲାଇ ଦେଇଛି। ଏହି ଘଟଣାରେ ପ୍ରତ୍ୟକ୍ଷ ଓ ପରୋକ୍ଷରେ ସମ୍ପୃକ୍ତ ଦୋଷୀମାନଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଏବଂ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ସହ ମାଦକ ଦ୍ରବ୍ୟ ଓ ଅଶ୍ଳୀଳତା ନାଗ୍ନତାର ପ୍ରଚାର ପ୍ରସାର ବନ୍ଦ କରିବା ଦାବି କରାଯାଇଛି। ବିକ୍ଷୋଭ ବେଳେ ଏଆଇଡିଏସ୍‌ଓ ଜିଲ୍ଲା ସଭାପତି ନିମାଇଁ ଚରଣ ସାହୁ, ଜିଲ୍ଲା ସମ୍ପାଦକ ନାରାୟଣ ସାହୁଙ୍କ ସମେତ କିସାନ କୁମାର ସାହୁ, ଶୁଭସ୍ମିତା ପାଣିଗ୍ରାହୀ, ବାମିଆ ଉଗ୍ରାସାଣ୍ଡି, ତୋଫାନ ସାହୁ, ସମର ବେହେରା ସହ ଅନେକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ଶିଶୁ ସାହିତ୍ୟ ବିକାଶ ପରିଷଦ ପକ୍ଷରୁ ଦାସିଆ ଅଜାଙ୍କୁ ଶ୍ରଦ୍ଧାଞ୍ଜଳି



ବ୍ରହ୍ମପୁର,୧୪।୭(ସମିସ): ଶିଶୁଟି ସମାଜର ଭବିଷ୍ୟତ। ଶିଶୁ ସାହିତ୍ୟ ହିଁ ସାହିତ୍ୟର ଆଦ୍ୟ ସ୍ୱର ବୋଲି ଶିଶୁ ସାହିତ୍ୟ ବିକାଶ ପରିଷଦର ମାସିକ ଶିଶୁ ସାହିତ୍ୟ ଆସରରେ ସଭାପତି ହାଡ଼ିବନ୍ଧୁ ମାଳି ଆଲୋଚନା କରି ମତବ୍ୟକ୍ତ କରିଥିଲେ। ଉତ୍କଳ ଆଶ୍ରମ ପାଠାଗାର କକ୍ଷରେ ଶିଶୁ ସାହିତ୍ୟ ବିକାଶ ପରିଷଦର ଶିଶୁ ସାହିତ୍ୟ ଆସର ଅନୁଷ୍ଠିତ ହୋଇଛି। ଆସରରେ କାର୍ଯ୍ୟକାରୀ ସଭାପତି ବିଜୟ ଚନ୍ଦ୍ର ନନ୍ଦ ସାଧାରଣ, ସମ୍ପାଦକ ଦିନବନ୍ଧୁ ଶ୍ରୀପଲ୍ଲବ ଏବଂ ସଂଯୋଜିକା କବୟିତ୍ରୀ ପଦ୍ମିନୀ ମିଶ୍ର ଯୋଗଦେଇ ଉଦଘାଟନ କରିଥିଲେ। ପ୍ରାରମ୍ଭରେ ପଣ୍ଡିତ ଚନ୍ଦ୍ର ଶେଖର ମହାପାତ୍ର ବେଦ ପାଠ କରିଥିଲେ। ସାଧାରଣ ସମ୍ପାଦକ ଶ୍ରୀପଲ୍ଲବ ପ୍ରାରମ୍ଭିକ ସୂଚନା ପ୍ରଦାନ କରି ଓଡ଼ିଶାର ପାଠାଗାର ଆନ୍ଦୋଳନ ପ୍ରବକ୍ତା ତଥା ପ୍ରସିଦ୍ଧ ଅରବିନ୍ଦ ସଂଗ୍ରାହଳୟର ପ୍ରତିଷ୍ଠାତା ସ୍ୱର୍ଗତ ଦାଶରଥି ପଟ୍ଟନାୟକ ଦାସିଆ ଅଜାଙ୍କ ୧୧୮ତମ ଜନ୍ମ ଦିବସ ଅବସରରେ ଆଲୋଚନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କବିତା ପାଠୋତ୍ସବରେ କୋଷାଧ୍ୟକ୍ଷ ମୋହନ କୁମାର ସ୍ୱାଇଁ, ଡ଼ ବିଜୟ ଚନ୍ଦ୍ର ମହାରଣା, କବୟିତ୍ରୀ ଲକ୍ଷ୍ମୀ ଆମ୍ମା, ନଦାଡ଼ା ବିରୁପାକ୍ଷ ଦାଶ, ଶଙ୍କର୍ଷଣ ତ୍ରିପାଠୀ, ଅନିଳ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ବିଜୟ ଚନ୍ଦ୍ର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଶ୍ୱକର୍ମା ସମାଜର ନୂତନ କର୍ମକର୍ତ୍ତା ଚୟନ

ଗଞ୍ଜାମ,୧୪।୭(ସମିସ): ଗଞ୍ଜାମ ବ୍ଲକ ଅନ୍ତର୍ଗତ ବିରୁଳି ତାଲୁକା ବିଶ୍ୱକର୍ମା ସମାଜର ଏକ ବୈଠକ ସନ୍ତୋଷପୁର ପଞ୍ଚାୟତର ସାନ ଗୋପାଳପୁର ସ୍ଥିତ ନୀଳକଣ୍ଠେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମାଜର ଉପଦେଷ୍ଟା କୈଳାସ ମହାରଣାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ କୁଳର ଉନ୍ନତିକରଣ ସଂସ୍କାର ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ନୂତନ କର୍ମକର୍ତ୍ତା ଚୟନ କରାଯାଇ ତାଲୁକାର ଦାୟିତ୍ୱ ଗ୍ରହଣ କରିଥିଲେ। କମାର ରାଜଶ୍ରୀ ରାମଚନ୍ଦ୍ର ମହାରଣା (ସନ୍ତୋଷପୁର), ବଢେଇ ରାଜଶ୍ରୀ ଗୌରହରି ମହାରଣା ପୁତ୍ର ବିଜୟ ମହାରଣା ( ବଳରାମପୁର), ଉପଦେଷ୍ଟା ୧) କୈଳାସ ଚନ୍ଦ୍ର ମହାରଣା, (ଚୌଧୁରୀ ସାହି, ଗଂଜାମ) ଶାନ୍ତନୁ ମହାରଣା (ସନ୍ତୋଷପୁର) ପରାମର୍ଶଦାତା ରାଜେଶ ମହାରଣା (ରମ୍ଭା), ସଭାପତି ରବିନ୍ଦ୍ର ମହାରଣା (ପୁରୁଷୋତ୍ତମ୍ପୁର), ଉପ-ସଭାପତି ଅନାଥ ମହାରଣା ( ବଳରାମପୁର), କାର୍ଯ୍ୟକାରୀ ସଭାପତି ୧) ରାମହରି ମହାରଣା (ବରଦା), ୨) ବଂଶୀଧର ମହାରଣା (ରମ୍ଭା), ସମ୍ପାଦକ ଗଣେଶ ମହାରଣା (ଭୂଆଁଭୂଇଁ), ସହ ସମ୍ପାଦକ ଦୁର୍ଗା ପ୍ରସାଦ ମହାରଣା, (ରମ୍ଭା), କୋଷାଧ୍ୟକ୍ଷ ବାବୁଆ ମହାରଣା (ଗୋବା) ଏବଂ କାର୍ଯ୍ୟକାରୀ ସଭ୍ୟ ୧) ପ୍ରମୋଦ ମହାରଣା, ୨) ରମେଶ ମହାରଣା, ୩) ବିକ୍ରମ ମହାରଣା, ୪) ଉଦୟନାଥ ମହାରଣା, ୫) ପିତବାସ ମହାରଣା, ୬) କାଳିଆ ମହାରଣା, ୭) ଲିଙ୍ଗରାଜ ମହାରଣା, ୮) ରବିନ୍ଦ୍ର ମହାରଣା (ବରଦା), ୯) ଭଗବାନ ମହାରଣା, ୧୦) ଅରୁଣ ମହାରଣା ୧୧) ଦୁର୍ଯ୍ୟୋଧନ ମହାରଣା, ୧୨) ହରି ମହାରଣା ଏବଂ ଗ୍ରାମ୍ୟ ସଭାପତି ଅମୁଲ୍ୟ ମହାରଣା (ମଲାଡ) ବଳରାମ ମହାରଣା ( ପାଲଙ୍ଗ), ପ୍ରକାଶ ମହାରଣା (ଭୁଆଁଭୁଇଁ) ପ୍ରମୁଖ ନିଜ ନିଜର ଦାୟିତ୍ୱ ଗ୍ରହଣ କରିଥିଲେ।

## ପ୍ରତିଶୋଧ ପାଇଁ ବନ୍ଧୁକ ଧରି ବୁଲୁଛନ୍ତି ଜେଲ ଫେରନ୍ତା!

ବ୍ରହ୍ମପୁର,୧୪।୭(ସମିସ): ପୂର୍ବ ଶତ୍ରୁତାର ପ୍ରତିଶୋଧ ପାଇଁ ଜେଲ ଫେରନ୍ତାଙ୍କ ହାତରେ ଏବେ ବନ୍ଧୁକ ଓ ବିଭିନ୍ନ ମାରଣାସ୍ତ୍ର। ତେଲୁଗୁ ଫିଲ୍ମ ଷ୍ଟାଇଲରେ ଅପରାଧିମାନେ ହାତରେ ଖଣ୍ଡା ଓ ବନ୍ଧୁକ ଭଳି ମାରଣାସ୍ତ୍ର ଧରି ରାତିରେ ବିଚ ରାସ୍ତାରେ ବୁଲୁଥିବା ଅଭିଯୋଗ ହୋଇଛି। ନିକଟ ଅତିତରେ କିଛି ଅପରାଧି ଜାମିନରେ ଜେଲରୁ ମୁକୁଳିବା ପରେ ପୂର୍ବ ଶତ୍ରୁତାର ରାଗ ଶୁଝିବାକୁ ଯୋଜନା କରୁଥିବା ସୂଚନା ମିଳିଛି। ଲାଞ୍ଜିପଲ୍ଲୀ, ହଳଦିଆପଦର, ଜଗଦଳପୁର ସମେତ ନିମଖଣ୍ଡି ଥାନା ଅଞ୍ଚଳରେ କିଛି ଜେଲ ଫେରନ୍ତାଙ୍କ ସମ୍ପର୍କରେ ପୁଲିସକୁ ଗୁପ୍ତ ସୂଚନା ମିଳିଥିବା ଜଣାପଡିଛି। ଗତ ମେ'ମାସରେ ଖାରବେଳନଗରର ଅଶୋକ କୁମାର ପାଣିଗ୍ରାହୀ, ନିମଖଣ୍ଡି ଗ୍ରାମର ଟୁନା ନାୟକଙ୍କ ସମେତ ଏକାଧିକ ଅପରାଧୀଙ୍କୁ ପୁଲିସ ଗିରଫ କରିଥିଲା। ସେମାନଙ୍କ ନିକଟରୁ ପୁଲିସ ବନ୍ଧୁକ ଜବତ କରିଥିଲା। ଜାମୀନରେ ଆସିବା ପରେ ଘରୋଇ କଳିକୁ ନେଇ ଅଶୋକ ନିଜ ବେକକୁ ବ୍ଲେଟରେ କାଟି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସେହିପରି କିଛି ଜେଲଫେରାନ୍ତ ବନ୍ଧୁକ ଓ ମାରଣାସ୍ତ୍ର ଧରି ବୁଲୁଥିବା ସୂଚନା ପାଇ ପୁଲିସ ବିଭିନ୍ନ ସ୍ଥାନରେ ଚଢଉ ଜାରି ରଖିଥିବା ଜଣାପଡିଛି। ଏବଂ ନିମଖଣ୍ଡି ଥାନା ପୁଲିସ ଏକାଧିକ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଜଣାପଡଥିବା ବେଳେ ସେମାନଙ୍କ ଠାରୁ ବନ୍ଧୁକ ଜବତ ହୋଇଥିବା ନେଇ ମଧ୍ୟ ସୂଚନା ରହିଛି।

## ଶ୍ରୀଅରବିନ୍ଦ ଶିକ୍ଷାକେନ୍ଦ୍ରର ପ୍ରତିଷ୍ଠା ଦିବସ

ରମ୍ଭା,୧୪।୭(ସମିସ): ସାବୁଳିଆର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୨୬ତମ ପ୍ରତିଷ୍ଠା ଦିବସ ଅଧକ୍ଷା କେ. ବେଦମତୀ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ସମାଜସେବୀ ମହେଶ୍ୱର ବରାଡ଼ ରହିଥିବା ବେଳେ ମ୍ୟାନେଜିଙ୍ଗ ଟ୍ରଷ୍ଟି ଗୋପାଳକୃଷ୍ଣ ସେନାପତି ମାତୃ ପତକା ଉତ୍ତୋଳନ କରିଥିଲେ। ଗୀତାଞ୍ଜଳି ସେନାପତି ମାତୃ ବନ୍ଦନା ଦେଇଥିଲେ। ସଭା ପରିଚାଳନା ଲକ୍ଷ୍ମୀବାଇ ଦଳାଇ କରିଥିବା ବେଳେ ମାତୃ ପତକାକୁ ପୁନଃ ସମ୍ମାନ ଜଣାଇ ବେଦମତି ସେନାପତି ଶିକ୍ଷାନୁଷ୍ଠାନ ସମ୍ପର୍କରେ ଆଲୋଚନା କରିଥିଲେ। ବିଦ୍ୟାଳୟର ଅପା, ଭାଇ, ଭଉଣୀ ଓ ଛାତ୍ରଛାତ୍ରୀ ମାନେ ପରିଚାଳନାରେ ସହଯୋଗ କରିଥିଲେ। ପରିଚାଳନା ନିର୍ଦ୍ଦେଶକ ଗୋପାଳ କୃଷ୍ଣ ସେନାପତି ଧନ୍ୟବାଦ ଦେଇଥିଲେ।

## ଜିଲ୍ଲାପାଳ ଓ ଏସ୍‌ପିଙ୍କ ଅଭିଯୋଗ ଶୁଣାଣି



କବିସୂର୍ଯ୍ୟନଗର,୧୪।୭(ସମିସ): ସୋମବାର କବିସୂର୍ଯ୍ୟନଗର ବ୍ଲକ ସଭାଗୃହରେ ଜିଲ୍ଲାପାଳ ଓ ଏସପିଙ୍କ ଯୁଗ୍ମ ଶୁଣାଣି ହୋଇଯାଇଛି। ଏଥିରେ ଗଞ୍ଜାମ ଅତିରିକ୍ତ ଜିଲ୍ଲାପାଳ ପ୍ରମୋଦ ପୃଷ୍ଟି, ମୁଖ୍ୟ ବିକାଶ ଅଧିକାରୀ ତଥା ଜିଲ୍ଲାନିର୍ବାହୀ ଅଧିକାରୀ ସୁଶ୍ରୀ ମଧୁମିତା, ଗଞ୍ଜାମ ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ କୁମାର ପାତ୍ର ମଞ୍ଚାସୀନ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସହାୟକ ଜିଲ୍ଲାପାଳ (ଜିଲ୍ଲା ଅଭିଯୋଗ ପ୍ରକଳ୍ପ) ଦୀପକ କୁମାର ଜେନା, ଏସଡିପିଓ ସୁଜିତ ନାୟକ, ସ୍ୱାସ୍ଥ୍ୟ ଅଧିକାରୀ ଡା.ସୁଶାନ୍ତ କୁମାର, ତହସିଲଦାର ଡା. ରୁବିନ ମିଶ୍ର, ବିଏସଏସଓ ରାମଚନ୍ଦ୍ର ଜେନା, କିରାଣୀ ଯୁଗଳ କୃଷ୍ଣ ପ୍ରମୁଖ ଉପସ୍ଥିତ ଥିଲେ। ମୋଟ ୨୭୧ଟି ଅଭିଯୋଗର ଶୁଣାଣି ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ୨୫୨ଟି, ସ୍ୱଟ ଶୁଣାଣି ୧୨ଟି, ଗ୍ରୁପ ଶୁଣାଣି ୭ଟି ରହିଥିଲା। ଶିଆଳିଆ ପଞ୍ଚାୟତର ଦିବ୍ୟାଙ୍ଗ ଟୁନା ନାହାକକୁ ରେଡ୍‌କ୍ରସ୍‌ରୁ ୩୦ ହଜାର ଟଙ୍କା ଦିଆଯାଇଥିଲା। ସେହିପରି ହ୍ୱିଲ ଚେୟାର ୯, ଟ୍ରାଇ ସାଇକେଲ ୩, ସୁଗେନକେନ ୧, ଆଶାବାଡି ୨ଟି ବଣ୍ଟନ କରାଯାଇଛି। ବିଡିଓ ରାଜେନ୍ଦ୍ର ପ୍ରସାଦ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରୋଟାରୀ କ୍ଲବ୍ ଅଫ୍ ଇଷ୍ଟର ଅଧିଷ୍ଠାନ ଉତ୍ସବ




ବ୍ରହ୍ମପୁର,୧୪।୭(ସମିସ): ରୋଟାରୀ କ୍ଲବ୍ ଅଫ୍ ବ୍ରହ୍ମପୁର ଇଷ୍ଟର ୩୬ତମ ଅଧିଷ୍ଠାନ ଉତ୍ସବ ରୋଟାରୀ କମ୍ୟୁନିଟି ହଲରେ ଅନୁଷ୍ଠିତ ହୋଇଛି। ଏ ଅବସରରେ ବିଦାୟୀ ସଭାପତି ଜୟନ୍ତ କିଶୋର ପାତ୍ର ନବ ନିର୍ବାଚିତ ସଭାପତି ଡକ୍ଟର ପ୍ରଦୀପ୍ତ କୁମାର ପଟ୍ଟନାୟକଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଉତ୍ସବରେ ବରିଷ୍ଠ ଶିକ୍ଷାବିତ ଡ ଲକ୍ଷ୍ମୀକାନ୍ତ ତ୍ରିପାଠୀ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ରୂପେ ଆସିକା ବିଜ୍ଞାନ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ଡକ୍ଟର ଜୀବନାନନ୍ଦ ତ୍ରିପାଠୀ ଯୋଗଦେଇ ରୋଟାରୀ ଆନ୍ଦୋଳନ ସମାଜ ପ୍ରତି ପ୍ରତିବଦ୍ଧତା ବୋଲି କହିଥିଲେ। ସ୍ୱତନ୍ତ୍ର ଅତିଥି ରୂପେ ପ୍ରାକ୍ତନ ପ୍ରାନ୍ତପାଳ ଡାକ୍ତର ନାରାୟଣ ମିଶ୍ର ଯୋଗଦେଇ ଦଶ ଜଣ ନୂତନ ସଭ୍ୟଙ୍କୁ ରୋଟାରୀ ପିନ୍ ଦେଇ ପଦାସୀନ କରାଇଥିଲେ। ଡାକ୍ତର ସମ୍ବିତ ବେଗରାୟ, ଅଜିତ କୁମାର ପୃଷ୍ଟି, ବି.କୁଶ ପାତ୍ର ରୋଟାରୀ ଜିଲ୍ଲା-୩୨୬୨ର କାର୍ଯ୍ୟକର୍ତ୍ତା ରୂପେ ନିର୍ବାଚିତ ହୋଇଥିଲେ। ଜଣେ ଦୃଷ୍ଟି ବାଧିତ ଉପଭୋକ୍ତାଙ୍କୁ ଶ୍ରବଣ ଯନ୍ତ୍ର ପ୍ରଦାନ କରାଯାଇଥିଲା। ସହ ପ୍ରାନ୍ତପାଳ ଝରଣା ପଣ୍ଡା ଓ ଆଞ୍ଚଳିକ ଚେୟାରମ୍ୟାନ ରଞ୍ଜିତ କୁମାର ପାଢ଼ୀ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। କ୍ଲବର ଇ-ବୁଲେଟିନ୍ "ଈଷା' କୁ ଅତିଥିମାନେ ଲୋକାର୍ପଣ କରିଥିଲେ। ପୂର୍ବତନ ସଭାପତି ସୁମିତ୍ ପଟ୍ଟନାୟକ ସଂଯୋଜନା କରିଥିବା ବେଳେ ଗୌରୀଶଙ୍କର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

**୧୬ରୁ ରାଜ୍ୟସ୍ତରୀୟ ପୁରୁଷ ସିନିଅର 'ସାହାଣୀ କପ୍' ଫୁଟବଲ ଚାମ୍ପିଅନସିପ୍**

## ଦିନକ ପରେ ଟୁର୍ଣ୍ଣାମେଣ୍ଟ; ମିଳିନି ପଡ଼ିଆ ଅନୁମତି!




- ମ୍ୟାଚ ପୂର୍ବରୁ ଅଭ୍ୟାସ ପାଇଁ ଷ୍ଟାଡିୟମ ବାରଣ
- ୪ଟି ଜୋନରେ ହେବ ଖେଳ
- କେନ୍ଦୁଝର ଏବଂ ବୌଦ୍ଧରେ ଫାଇନାଲ

ବ୍ରହ୍ମପୁର,୧୪।୭(ସମିସ)

ପ୍ରଥମ ଥର ପାଇଁ ବ୍ରହ୍ମପୁରଠାରେ ଅନୁଷ୍ଠିତ ହେବାକୁ ଯାଉଛି ରାଜ୍ୟସ୍ତରୀୟ ମର୍ଯ୍ୟାଦା ସମ୍ପନ୍ନ 'ସାହାଣୀ କପ' ଫୁଟବଲ। ଆସନ୍ତା ୧୬ତାରିଖ ଠାରୁ ଲିଗ ପର୍ଯ୍ୟାୟ ଆରମ୍ଭ ହେବାକୁ ଥିବା ବେଳେ ୨୩ତାରିଖରେ ବ୍ରହ୍ମପୁର ଜୋନର କ୍ୱାଲିଫାଇ ମ୍ୟାଚ ଅନୁଷ୍ଠିତ ହେବ। ତେବେ ଦିନକ ପରେ ଖେଳ ଆରମ୍ଭ ହେବାକୁ ଥିବା ବେଳେ ଘରେ ନପଶୁଣୁ ମୁଣ୍ଡରେ ଚାଳ ବାଜିବା ଭଳି ଘଟଣା ଘଟିଛି। ୧୬ତାରିଖରୁ ଆରମ୍ଭ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟ ପାଇଁ କ୍ରୀଡ଼ା ନିର୍ଦ୍ଦେଶାଳୟ ଅଧୀନରେ ଥିବା ବ୍ରହ୍ମପୁରସ୍ଥିତ ମହାତ୍ମାଗାନ୍ଧୀ ଷ୍ଟାଡିୟମର ଅନୁମତି ମିଳିନଥିବା ଜଣାପଡିଛି। ଫଳରେ ଆୟୋଜକ ଗଞ୍ଜାମ ଦଳର ଖେଳାଳିଙ୍କୁ ଅଭ୍ୟାସ ପାଇଁ ମଧ୍ୟ ରବିବାର ଷ୍ଟାଡିୟମକୁ ପ୍ରବେଶ ଉପରେ କଟକଣା ଲଗାଯାଇଥିଲା। ଏଭଳି ସ୍ଥିତିରେ ସାହାଣୀ କପ୍ ଫୁଟବଲ ଚାମ୍ପିଅନସିପ୍‌ରେ ଅଂଶଗ୍ରହଣ କରିବାକୁ ଥିବା ବିଭିନ୍ନ ଜିଲ୍ଲାର ଖେଳାଳିମାନେ କେଉଁଠାରେ ଅଭ୍ୟାସ କରିବେ ତାକୁ ନେଇ ପ୍ରଶ୍ନ ଉଠିଛି।

ଆସନ୍ତା ୧୬ତାରିଖରୁ ସ୍ଥାନୀୟ ମହାତ୍ମାଗାନ୍ଧୀ ଷ୍ଟାଡିୟମରେ ଆୟୋଜିତ ହେବାକୁ ଥିବା ୬୪ତମ ରାଜ୍ୟସ୍ତରୀୟ ସାହାଣୀ କପ୍ ଫୁଟବଲ-୨୦୨୫ରେ ବ୍ରହ୍ମପୁର ଜୋନରେ ଗଞ୍ଜାମ, ଗଜପତି, ନବରଙ୍ଗପୁର, ଭୁବନେଶ୍ୱର, ମୟୁରଭଞ୍ଜ, କୋରାପୁଟ, ମାଲକାନାଗିରି ଓ ରାୟଗଡା ଭଳି ମୋଟ ୮ ଟି ଦଳ ସାମିଲ ହୋଇଛନ୍ତି। ସେହିଭଳି ଏହି ସାହାଣୀ କପ୍ ଫୁଟବଲ ବ୍ରହ୍ମପୁର ସମେତ ବୌଦ୍ଧ, କେନ୍ଦୁଝର ଓ ରାଜକନିକା ଆଦି ୪ଟି ଜୋନରେ ଖେଳାଯିବାକୁ ସ୍ଥିର ହୋଇଛି। ବ୍ରହ୍ମପୁର ଜୋନରେ ଆସନ୍ତା ୧୬ତାରିଖରେ ଉଦ୍‌ଘାଟନୀ ଦିବସରେ ଦୁଇଟି ମ୍ୟାଚ ଯଥା ନବରଙ୍ଗପୁର ବନାମ ଭୁବନେଶ୍ୱର ଏବଂ ଗଞ୍ଜାମ ବନାମ ଗଜପତି ମଧ୍ୟରେ ଅନୁଷ୍ଠିତ ହେବ। ପ୍ରତ୍ୟେକ ଦିନ ଦୁଇଟି ମ୍ୟାଚ ଯଥାକ୍ରମେ ଅପରାହ୍ନ ସାଢେ ଗୋଟାଏ ଏବଂ ସାଢେ ୩ଟାରେ ଅନୁଷ୍ଠିତ ହେବ। ଏନେଇ ଆୟୋଜକ ଗଞ୍ଜାମ ଜିଲ୍ଲା ଫୁଟବଲ ସଂଘ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଗଞ୍ଜାମ ଜିଲ୍ଲା କ୍ରୀଡା ସଂଘର ସମ୍ପାଦକ ଜେ. କାମେଶ୍ୱର ରାଓ। ସବୁଠାରୁ ବଡ଼କଥା ହେଲା ପ୍ରଥମ ଥର ପାଇଁ ବ୍ରହ୍ମପୁରରେ ଏଭଳି ଟୁର୍ଣ୍ଣାମେଣ୍ଟର ଆୟୋଜନ କରାଯାଉଥିବା ବେଳେ ଚାମ୍ପିଅନସିପର ଗୋଟିଏ ସେମିଫାଇନାଲ ମଧ୍ୟ ବ୍ରହ୍ମପୁର ହେବ ବୋଲି ଜଣାପଡ଼ିଛି। ଅନ୍ୟ ସେମିଫାଇନାଲ ମ୍ୟାଚ ରାଜକନିକାରେ ଅନୁଷ୍ଠିତ ହେବ। ତେବେ ଟୁର୍ଣ୍ଣାମେଣ୍ଟରେ ଫାଇନାଲକୁ ଉନ୍ନୀତ ହୋଇଥିବା ଉଭୟ ଦଳ ମଧ୍ୟରେ ଦୁଇଟି ମ୍ୟାଚ ଖେଳାଯିବ। ଗୋଟିଏ ଫାଇନାଲ ମ୍ୟାଚ ବୌଦ୍ଧରେ ଏବଂ ଅନ୍ୟଟି କେନ୍ଦୁଝରରେ ହେବ ବୋଲି ଜଣାପଡ଼ିଛି। ଅନୁମତି ନଥିବାରୁ ଗଞ୍ଜାମ ଦଳର ଖେଳାଳିଙ୍କୁ ଷ୍ଟାଡିୟମ ବାରଣ କରାଯାଇଥିବା ସ୍ୱୀକାର କରିଛନ୍ତି ନିଜେ କ୍ରୀଡ଼ା ସଂଘ ସମ୍ପାଦକ। ତେବେ ପରବର୍ତ୍ତି ସମୟରେ ସେମାନଙ୍କୁ ପ୍ରବେଶ ଅନୁମତି ମିଳିଥିଲା। କିନ୍ତୁ ସାମ୍ବାଦିକ ସମ୍ମିଳନୀ ସୁଦ୍ଧା ଟୁର୍ଣ୍ଣାମେଣ୍ଟ ପାଇଁ ଷ୍ଟାଡିୟମ ଅନୁମତି ମିଳନଥିଲେ ହେଁ ଖୁବ୍‌ଶୀଘ୍ର ଷ୍ଟାଡିୟମ ଅନୁମତି ମିଳିଯିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ଗଞ୍ଜାମ ଜିଲ୍ଲା କ୍ରୀଡ଼ା ସଂଘର ସମ୍ପାଦକ ଜେ. କାମେଶ୍ୱର୍ ରାଓ। ବ୍ରହ୍ମପୁରରେ ଥିବା ଷ୍ଟାଡିୟମ ପାଇଁ ଅନୁମତି ଭୁବନେଶ୍ୱରରୁ ମିଳୁଥିବା ବେଳେ କୌଣସି ଖେଳକୁ ଅନୁମତି ଦିଆଯାଉନଥିବାରୁ ସହରବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଲାଗି ରହିଛି। ଖୋଦ୍ ଗଞ୍ଜାମ ଜିଲ୍ଲାପାଳ ଜିଲ୍ଲା କ୍ରୀଡ଼ା ସଂଘର ସଭାପତି ଥିବା ସତ୍ତ୍ୱେ ଏଭଳି ସମସ୍ୟାର ସମାଧାନ ନହେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ତୁରନ୍ତ ଏଭଳି ସମସ୍ୟାର ସମାଧାନ କରାଯାଇ ଅଭ୍ୟାସ ଓ ବିଭିନ୍ନ ପ୍ରକାରର ମ୍ୟାଚ ଆୟୋଜନ ପାଇଁ ଅନୁମତି ଦେବାକୁ ଦାବି ହୋଇଛି।

**ପାତ୍ରପୁରରେ ଜବରଦଖଲ ଉଚ୍ଛେଦ**

## ପ୍ରଶାସନର ପାତରଅନ୍ତର ନୀତିକୁ ବିରୋଧ



ପାତ୍ରପୁର,୧୪।୭(ସମିସ): ପାତ୍ରପୁର ମୁଖ୍ୟ ବସଷ୍ଟାଣ୍ଡରେ ଜବରଦଖଲ ଉଚ୍ଛେଦ ପାଇଁ ପ୍ରଶାସନ ପକ୍ଷରୁ ଅଭିଯାନ ଆରମ୍ଭ ହୋଇଛି। ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତା ପ୍ରଶସ୍ତିକରଣ ପାଇଁ ଘର ମାଲିକ ମାନଙ୍କୁ ଗତ ମାର୍ଚ୍ଚ ମାସରୁ ନୋଟିସ୍ ଜାରି ହୋଇଥିଲା। ତେବେ କେହି ନମାନିବାରୁ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ପାତ୍ରପୁର ତହସିଲଦାର ଅଶୋକ କୁମାର ପଟ୍ଟନାୟକ, ଚିକିଟି ଏସ୍‌ଡିପିଓ ବିଶ୍ୱାମିତ୍ର ହରପାଲ, ଜରଡା ଥାନା ଅଧିକାରୀ ଟୁନା ସାସମଲଙ୍କ ଉପସ୍ଥିତିରେ ଜବରଦଖଲ ଉଚ୍ଛେଦ ଆରମ୍ଭ ହୋଇଥିଲା। ଅପରାହ୍ନରେ ପ୍ରଶାସନ ପକ୍ଷରୁ ପାତରଅନ୍ତର ନିତୀ କରାଯାଉଥିବା କିଛି ଘର ମାଲିକ ଅଭିଯୋଗ କରିବା ସହ ପ୍ରଶାସନିକ ଅଧିକାରୀ ଓ ଘର ମାଲିକଙ୍କ ମଧ୍ୟରେ ଯୁକ୍ତିତର୍କ ଆରମ୍ଭ ହୋଇଥିଲା। ଫଳରେ ପ୍ରଶାସନ ବାଧ ହୋଇ ଜବରଦଖଲ ଉଚ୍ଛେଦ କାମ ସ୍ଥଗିତ ରଖିଥିବା ଦେଖିବାକୁ ମିଳିଥିଲା । ଅନ୍ୟପକ୍ଷେ ବିନା ନୋଟିସ୍‌ରେ ପ୍ରଶାସନ ଘର ଭାଙ୍ଗିବା ଅଭିଯୋଗ ମଧ୍ୟ ହୋଇଛି। ଘର ମାଲିକଙ୍କ ପାତରଅନ୍ତର ନିତୀ ଅଭିଯୋଗରେ ପ୍ରଶାସନ ଉତ୍ତର ରଖିବା ପରିବର୍ତ୍ତେ ପାଟି ଚୁପ୍ ରହିଥିବା ଦେଖିବାକୁ ମିଳିଛି। ଆଇନ ଶୃଙ୍ଖଳା ନାଁରେ ପୁଲିସ ଘର ମାଲିକଙ୍କୁ ଧମକ ଦେଲା ଭଳି ଅନୁମେୟ ହୋଇଥିଲା। ପାତର ଅନ୍ତର ହେଉଥିବାରୁ ଘର ମାଲିକ ମାନେ କ୍ଷୋଭପ୍ରକାଶ କରିଛନ୍ତି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି। ଏନେଇ ପାତ୍ରପୁର ତହସିଲଦାର ଅଶୋକ କୁମାର ପଟ୍ଟନାୟକଙ୍କ ଯୋଗାଯୋଗ କରିବାରୁ ୯୦ ପ୍ରତିଶତ ଉଚ୍ଛେଦ କାର୍ଯ୍ୟ ସରିଛି ବାକି କାମ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ କରାଯିବ ବୋଲି ପ୍ରକାଶ କରିଛନ୍ତି।

## ଆସିକା ଏନ୍‌ଏସିକୁ ରାଷ୍ଟ୍ରପତି ପୁରସ୍କାର

ଛତ୍ରପୁର,୧୪।୭(ସମିସ): ଭାରତ ସରକାରଙ୍କ ସ୍ୱଚ୍ଛ ସର୍ବେକ୍ଷଣରେ ଆସିକା ଏନଏସି ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରି ରାଷ୍ଟ୍ରପତି ପୁରସ୍କାର ପାଇଁ ମନୋନୀତ ହୋଇଛି। ଆସନ୍ତା ୧୭ ତାରିଖରେ ନୂଆଦିଲ୍ଲୀ ବିଜ୍ଞାନ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଠାରୁ ଏହି ପୁରସ୍କାର ଗ୍ରହଣ କରିବେ ବୋଲି ଏନଏସି ନିର୍ବାହି ଅଧିକାରୀ ରାଜେଶ କୁମାର ମହାପାତ୍ର ସୂଚନା ଦେଇଛନ୍ତି। ଭାରତ ସରକାରଙ୍କ ଗୃହ ଓ ସହରାଞ୍ଚଳ ବିକାଶ ମନ୍ତ୍ରାଳୟ ତରଫରୁ ପ୍ରକାଶିତ ତାଲିକାରେ ଆସିକା ଏନଏସି ୩୦ ହଜାରରୁ କମ ଜନସଂଖ୍ୟା ବିଶିଷ୍ଟ ସହର ମଧ୍ୟରେ ଯୋଗ୍ୟ ବିବେଚିତ ହୋଇଥିବା ନିର୍ବାହି ଅଧିକାରୀ କହିଥିଲେ। ଏହି ପୁରସ୍କାର ଗ୍ରହଣ କରିବା ପାଇଁ ଏନଏସି ଅଧକ୍ଷା ବିନିତା ସ୍ୱାଇଁ, ନିର୍ବାହି ଅଧିକାରୀ ରାଜେଶ କୁମାର ମହାପାତ୍ର, ସାନିଟାରୀ ଏକ୍ସପର୍ଟ, ସ୍ୱଚ୍ଛ ସୁପରଭାଇଜର ସମେତ ୧୦ଜଣ ଦିଲ୍ଲୀ ଗସ୍ତ କରିବାର କାର୍ଯ୍ୟକର୍ମ ରହିଥିବା କହିଥିଲେ। ଏହି ପୁରସ୍କାର ସ୍ଥାନୀୟ ବିଧାୟକ, କର୍ମଚାରୀ, ଏନଏସି ଅଧକ୍ଷା, ଉପାଧକ୍ଷ ଓ ସମସ୍ତ କାଉନସିଲର ମାନଙ୍କ ପରିଶ୍ରମ ଯୋଗୁଁ ସମ୍ଭବ ହୋଇପାରିଛି ବୋଲି ନିର୍ବାହି ଅଧିକାରୀ କହିଥିଲେ।

